ଟି. ଏନ୍. ଗୋଦାବର୍ମନ୍ ତିରୁମୁଲପଦ୍

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

(2007ର ଆଇ. ଏ. ସଂଖ୍ୟା 2016)

ଫେବୃଆରୀ 21,2008

**(ମୁଖ୍ୟ ବିଚାରପତି କେ. ଜି. ବାଲକ୍ରିଷ୍ଣନ, ଡ. ଅରିଜିତ ପଶାୟତ ଏବଂ ଏସ୍. ଏଚ୍. କାପାଡ଼ିଆ, ନ୍ୟାୟମୂର୍ତ୍ତିଦ୍ୱୟ )**

*ପରିବେଶ ସୁରକ୍ଷା ଅଧିନିୟମ 1986 :*

*ଧାରା 3 (3)-କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ଗଠନ-ବେଆଇନ ଭାବେ ଗଛ କାଟିବା, ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଅନ୍ୟାନ୍ୟ ଜଙ୍ଗଲ ଅଞ୍ଚଳ ମଧ୍ୟରେ ଖନନ କାର୍ଯ୍ୟକଳାପକୁ ନିଷିଦ୍ଧ କରିବା ଏବଂ ନୂତନ କାଷ୍ଠ ଆଧାରିତ ଶିଳ୍ପ ପ୍ରତିଷ୍ଠା ଉପରେ ନିୟନ୍ତ୍ରଣ -ଯେପରି ଆଦେଶରେ ଉଲ୍ଲେଖ କରାଯାଇଛି ତଦନୁସାରେ କମିଟି ଗଠନ କରାଗଲା - ସିଇସିର କାର୍ଯ୍ୟକାଳ ତିନି ବର୍ଷ ହେବ।*

ଦେୱାନୀ ମୂଳ ଅଧିକରିତା :ଭାରତ ସମ୍ବିଧାନର 1995ର ଅନୁଚ୍ଛେଦ 32 ଅଧୀନରେ ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 202ରେ 2007ରେ ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 2016 ।

ଜି. ଇ. ବାହାନବତୀ, ଭାରତ ପାଇଁ ସଲିସିଟର ଜେନେରାଲ, ଆର୍. ମୋହନ, ଏ. ଏସ୍. ଜି., ହରିଶ ଏନ୍. ସାଲଭେ, (ଏ. ସି.), ୟୁ. ୟୁ. ଲଳିତ, (ଏ. ସି.), କେ. ଅମରେଶ୍ୱରୀ, ରଞ୍ଜିତ କୁମାର, ଭି. ବି. ସିଂହ, କେ. କେ. ଭେନୁଗୋପାଳ, ଶୋଭା ଦୀକ୍ଷିତ, ସିଦ୍ଧାର୍ଥ-ଚୌଧୁରୀ (ଏ. ସି.), ପି. କେ. ମନୋହର, ତପେଶ କୁମାର ସିଂହ,

ଦୀନେଶ ଚନ୍ଦ୍ର ପାଣ୍ଡେ, ଅଜିତ କୁମାର ସିହ୍ନା, ହରିସ ବୀରନ୍ (ଏଫ୍. ଏଫ୍. ପରମେଶ୍ୱରନଙ୍କ ପାଇଁ), ବୀରେନ୍ଦ୍ର ପରମାର, ସୁନୀତା ସିଂହ, ବରୁଣ, ଶେଫାଲି ଜୈନ, ବିନୁ ତମତା, ସୁଷମା ସୁରୀ, ଏନଜି  ଜେ. ଆର. ଲୁୱାଙ୍ଗ, ରିକୁ ଶର୍ମା (ମେସର୍ସ କର୍ପୋରେଟ୍ ଆଇନ ଗ୍ରୁପ୍ ପାଇଁ), ଏସ. ୟୁ. କେ. ସାଗର, ବିଣା ମାଧବନ, ହେମଲ କେ. ଶେଠ (ମେସର୍ସ ଓକିଲସ୍ ନିଟ୍ ଏବଂ  କମ୍ପାନୀ ପାଇଁ), ମନୀଷ ଗୋସ୍ୱାମୀ, ଅଶୋକ ପାଣିଗ୍ରାହି (ମେସର୍ସ ଏମଏପି ଆଣ୍ଡ କମ୍ପାନୀ ପାଇଁ), ଏସ. ବାଲାଜୀ, ଲକ୍ଷ୍ମୀ ଜୟଶଙ୍କର, ଏମ. ଏଲ. ଲାହୋଟି, ପବନ କେ. ଶର୍ମା, ରଚନା ଶ୍ରୀବାସ୍ତବ, ରାଣୀ ଛାବ୍ରା, ଅନିଲ କେ ଆର.  ଝା, (ଏମ୍/ଏସ୍ ଫକ୍ସ ମଣ୍ଡଳ ଏବଂ କମ୍ପାନୀ), ଜେ. କେ. ଭାଟିଆ, ଶ୍ରୀଧର ପୋଟାରାଜୁ, ପ୍ରମୋଦ ଦୟାଲ, ଅନୀଲ କେ ଆର.  ଶ୍ରୀବାସ୍ତବ, ରିତୁ ରାଜ, ରାମେଶ୍ୱର ପ୍ରସାଦ ଗୋୟଲ, ଭି. କେ. ବର୍ମା, ଅଜିତ ପୁଦୁସେରୀ, ଜି. ପ୍ରକାଶ, ସୁପର୍ଣ୍ଣା ଶ୍ରୀବାସ୍ତବ, ମନୀଷ ଶର୍ମା, ରାଜେଶ ଶ୍ରୀବାସ୍ତବ, ଜିତେନ୍ଦ୍ର ମୋହନ ଶର୍ମା ଏବଂ ଗୋପାଳ ସିଂହ ଉପସ୍ଥିତ ପକ୍ଷମାନଙ୍କ ତରଫରୁ ।

1. କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ଗଠନ ସମ୍ପର୍କରେ ବିଦ୍ୱାନ ସଲିସିଟର ଜେନେରାଲ ଏବଂ ବିଦ୍ୱାନ ନ୍ୟାୟ ମିତ୍ର ଦ୍ୱାରା ଦିଆଯାଇଥିବା ପରାମର୍ଶ ଉପରେ ଆମେ ବିଚାର କରିଛୁ । ସି. ଇ. ସି. ର ଗଠନ ନିମ୍ନମତେ ହେବ:

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

( 1) ଶ୍ରୀ ପି. ଭି. ଜୟକ୍ରିଷ୍ଣନ, ଅଧ୍ୟକ୍ଷ

( 2) ଶ୍ରୀ ପି. ଆର. ମହାନ୍ତୀ, ଜଙ୍ଗଲ ମହାନିର୍ଦ୍ଦେଶକ, ଏମଓଇଏଫ

( 3) ଶ୍ରୀ ଏମ. କେ. ଜିଓରାଜ୍କା, ସଦସ୍ୟ ସଚିବ

( 4) ଶ୍ରୀ ଏସ୍. କେ.ପଟ୍ଟନାୟକ

( 5) ଡକ୍ଟର ଏମ୍. କେ. ମୁଚ୍ଚୁ

( 6) ଶ୍ରୀ ମହେନ୍ଦ୍ର ବ୍ୟାସ

( 7) ଶ୍ରୀ ସଞ୍ଜୀବ ଚଡ୍ଢା (ଉପ ସଚିବ)

2. ଶ୍ରୀ ଏମ୍. କେ. ଜିୱରାଜ୍କା ଆଜି ପ୍ରତିନିଯୁକ୍ତିରେ ଅଛନ୍ତି କାରଣ ସେ ମହାରାଷ୍ଟ୍ର ରାଜ୍ୟର ଜଙ୍ଗଲ ଅଧିକାରୀଙ୍କ କ୍ୟାଡରରେ ଅଛନ୍ତି ଯାହା ପ୍ରତିନିଯୁକ୍ତି 31.3.2009 ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

3. ସି. ଇ. ସି. ଙ୍କ କାର୍ଯ୍ୟକାଳ ତିନି ବର୍ଷ ହେବ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ, ଯାହା ପୂର୍ବରୁ ଆସିବ, ତାହା ହେବ ।

ଆର୍. ପି. ମଧ୍ୟବର୍ତ୍ତୀକାଳୀନ ଆବେଦନକୁ ଫଏସଲା କରିଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।